ଲେଖା : ଦାଶ ବେନହୁର

ଛବି : ବଳଦେବ ମହାରଥୀ

ମେଘ ଘୁମୁରିଲି ଘଡ଼ିଲି ଘୁମୁ

Digitized by srujanika@gmail.com

ମେଘ ଘୁମୁରଇ ଘଡ଼ର ଘୁମୁ

ଦାଶ ବେନ୍‌ହୁର

ଅଗ୍ରଗାମୀ
କାଶିପୁର, ରାୟଗଡ଼ା

Digitized by srujanika@gmail.com

ମେଘ ଘୁମୁରଇ ଘଡ଼ର ଘୁମୁ (ଗୀତ ସଂକଳନ)

ଲେଖକ :
ଦାଶ ବେନ୍‌ହୁର

ଅଳଙ୍କରଣ :
ବଳଦେବ ମହାରଥୀ

ପ୍ରକାଶକ :
ଅଗ୍ରଗାମୀ
କାଶୀପୁର, ରାୟଗଡ଼ା

ମୁଦ୍ରାକର :
ଶୋଭନ, ଭୁବନେଶ୍ୱର

ପ୍ରଥମ ସଂସ୍କରଣ
୨୦୦୦

ମୂଲ୍ୟ : ୨୦ ଟଙ୍କା

ଏଥିରେ ଅଛି

୧. ବହି ମୋର ଚାଦର
୨. ସତମିଛ
୩. ଜୀବନ ଗଛ ଛାଇ
୪. ମେଘ ଘୁମୁରଇ ଘଡ଼ର ଘୁମୁ
୫. ଆସ ହେ ଶୀତ
୬. ଦେଇଥିଲେ ଟି ପାଇ
୭. ମାମୁଘର ଦୂର ବାଟ
୮. ମେଘକୁ ଯାଏ ସେ ଉଡ଼ି
୯. କିଏ କେଉଁଠି ?
୧୦. ଜଗତ ତା'ର ଫସଲ
୧୧. ଖେଳଣା ପେଟିକୁ ଖବରଦାର
୧୨. ଧାନ ଅଟେ ବଡ଼ ଧନ
୧୩. ସବୁଠି କୁତୁ କୁତୁ
୧୪. ପତର ମାରେ ହାଇ
୧୫. ଜୀବନ ଏକ ଚକ
୧୬. କାଗଜ କିଏ ଗଢ଼େ ?
୧୭. କାଉ କଲା କାଆ କାଆ
୧୮. ଆସରେ ଭାଇ ଆସ
୧୯. ବ୍ରଜନାଥ ନାଆଁ ବରଜ
୨୦. ଦିଅ ପିଲାମାନେ ବଜାଇ ତୂରୀ

Digitized by srujanika@gmail.com

ବହି ମୋର ଚାଦର

ବହିମୋର ସାଥୀ ପରି
ବହିମୋର ନିଜର
କେବେ ସିଏ କରେ ନାହିଁ
ଆପତ୍ତି କି ଓଜର,
ବହିଦିଏ ବତେଇ;
ନୂଆ ନୂଆ କଥା କହି
ଦିଏ ମୋତେ ମତେଇ ॥ ୧ ॥

ବହି ଚାଲେ ହାତ ଧରି
ଝାକି ହୁଏ କାଖରେ,
ପିଲାଦିନୁ ବହି ମୋର
ଶୁଏ ପୁଣି ପାଖରେ,
ବହି ମୋର ଚାଦର;
ପାରିଦିଏ କଳପନା
କରି କେତେ ଆଦର ॥ ୨ ॥

Digitized by srujanika@gmail.com

ଗପ ଗୀତ   ମଜା କଥା
କେତେ ସିଏ ଶିଖାଏ,
ବହିମୋର   କଥା କହି
ଛବିମାନ ଦେଖାଏ,
ଦିନେ ହେଲେ ରୁଷେନା;
ସାଥୀବୋଲି   ଥଟ୍ଟାରେ ବି
ଅପମାନ ଭୁସେନା ।। ୩ ।।

ବହି ପରି   କେହି ନାହିଁ
ଆଉ କେଉଁ ଦରବ,
ବଡ଼ସାନ   ଭଲ ଭେଲ
ଲୋଡ଼େ ସିଏ ସରବ,
ତାକୁ ଯିଏ ରସଇ;
ଅତିଭଲ   ସାଙ୍ଗପରି
ତା' ମନେ ସେ ବସଇ ।। ୪ ।।

Digitized by srujanika@gmail.com

ସତ ମିଛ

ସତ କହିଲେ
ମୁହଁ ଉଜ୍ଜଳ
ମିଛ କହିଲେ ମଳି,
ସତିଆ ପିଲା
ମଉନେ ହସେ
ମିଛୁଆ କରେ କଳି ।। ୧ ।।

ସତ ଫୁଟଇ
ଫୁଲ ପରିକା
ବାସ ଛୁଟାଏ ଭାରି,
ମିଛର କଣ୍ଟା
ଲୁଚେଇ ଫୋଡ଼େ
ମହତ ଦିଏ ସାରି ।। ୨ ।।

ସତିଆ କହେ
ସଳଖ ସିଧା
ନ କରି ବଙ୍କାଟଙ୍କା,
ମିଛୁଆ ହୁଏ
ଥତରମତ
କଥାଟି ତା'ର ବଙ୍କା ।। ୩ ।।

Digitized by srujanika@gmail.com

ସତକୁ ଧରି
ଚାଲିଲେ ବାଟ
ଖସେନା ପାଦ ଜମା,
ମିଛର ବାଟେ
ଯୁଆଡ଼େ ଚାହଁ
ସିଆଡ଼େ ଖାଲ ଖମା ॥ ୪ ॥

ମିଛ ପାଲରେ
ପଡ଼ିବା ଅତି
ସହଜ ବୋଲି ଜାଣ,
ସତ ଲାଗଇ
ଦୁରୂହ ସିନା
କରଇ ଛାତି ଟାଣ ॥ ୫ ॥

Digitized by srujanika@gmail.com

ଜୀବନ ଗଛ ଛାଇ

ଟିପା ଓ ଟିପି
ଦୁଇଟି ଦିନେ
ଆକାଶେ ଗଲେ ଉଡ଼ି,
କେଉଁଠି ଥିଲା
ନିଦୁଆ ମେଘ
ଛାଡ଼ିଲା ଭୀମା ରଡ଼ି,
ଘାଡୁରୁ ଘାଡୁ ଘାଉ,
କିଏରେ ସିଏ
ବୁଲୁଚି ଏଠି
କାହାର ଏତେ ଭାଉ ? ॥ ୧ ॥

ନରମି ଯାଇ
କହିଲା ଟିପା
ଜୁହାର ମେଘ ଭାଇ,
ମାଟି ରାଇଜ
ପରଜା ଆମେ
ଆସିଛୁ ତୁମ ଠାଇଁ,
ଗଲାଣି କେତେ ଦିନ;
ସିଆଡ଼େ ଆମ
ବରଷା ନାହିଁ
ମଲେଣି ବଗ ମୀନ ॥ ୨ ॥

ଗଛ ପତର
ଗଲାଣି ଶୁଖି
ଶୁଖିଛି ନଈ ନାଳ,
କୂଅରେ ଆଉ
ନ ବୁଡ଼େ କାହିଁ
ବାଲ୍‌ଟି ଗରା ଡାଳ,
ଆମକୁ ଦୟାକର;
ମାଟି ଉପରେ
ବରଷା ଟିକେ
ବୁହାଅ ଝର ଝର ॥ ୩ ॥

କହିଲା ମେଘ
ଶୁଣରେ ଟିପା
ଶୁଣଲୋ ଟିପି ଶୁଣ,
ବରଷା ଯଦି
ହଉନି ସେଠି
ସେଇଟା ତୁମ ଗୁଣ;
ବଣକୁ ଦେଲ କାଟି;
ପାହାଡ଼ମାନ
କରିଲ ନଣ୍ଡା
ନଙ୍ଗଳା କଲ ମାଟି ॥ ୪ ॥

Digitized by srujanika@gmail.com

ଗଛପତର
ଶୋଷାଡ଼ି ପାଣି
ଛାଡ଼ିଲେ ମୋର ପାଶେ
ସେଇ ପାଣିକୁ
ଅଜାଡ଼େ ମୁହିଁ
ଜଗତ ହିତ ଆସେ ।
ସେ କଥା ଆଉ କାହିଁ ?
ଦେହ ମୋହର
ଶୁଖିଲା ଏବେ
ପାଣି ଟୋପିଏ ନାହିଁ ॥ ୫ ॥

ଯାଅରେ ଟିପା
ଜଲ୍‌ଦି ଯାଅ
ଆହୁରି ଖୋଳ ମାଟି,
ଅତଳ ତଳୁ
ଉଠାଇ ପାଣି
ବଢ଼ାଅ ବଣ ଝାଟି,
ବଢ଼ିଲେ ପୁଣି ବନ;
ଦେହ ମୋହର
ଜଳ କଣାରେ
ହୋଇବ ଘୋର ଘନ ॥ ୬ ॥

Digitized by srujanika@gmail.com

ତା' ହେଲେ ମୁହିଁ
ତୁହାକୁ ତୁହା
ଅଜାଡ଼ି ଦେବି ଜଳ,
ସଚରାଚର
ହସିବ ମାଟି
ଲୋଟିବ ଫୁଲ ଫଳ,
ଭୁଲିବ ନାଇଁ ଭାଇ,
ଗଛ ନ ଥିଲେ
ପାଣି ବି ନାହିଁ
ଜୀବନ ଗଛ ଛାଇ ॥ ୭ ॥

Digitized by srujanika@gmail.com

ମେଘ ଘୁମୁରଇ ଘଡ଼ର ଘୁମୁ

କଳା କଳା ମେଘ
    ଆକାଶେ ଧାଏଁ
ସତେ କି ବରଫ
    ତରଳି ଯାଏ ।
ମେଘ ତରଳିଲା
    ଟୋପା ପଡ଼ିଲା,
କଦଳୀ ପତର
    ପିଠି ଝାଡ଼ିଲା ॥ ୧ ॥

ନାଲି ନାଲି ମେଘ
    କାହୁଁ ଅଇଲା,
ନାଲିଆ ଆଲୁଅ
    ବିଛେଇ ଦେଲା ।
ଟିପିଟିପି ପାଣି
    ସୁନେଇ ଖରା,
ମୁଡ଼ି ଉଖୁଡ଼ାକୁ
    ନଡ଼ିଆ କୋରା ॥ ୩ ॥

Digitized by srujanika@gmail.com

ଧଳା ଧଳା ମେଘ
ଖୋଲା ଆକାଶେ,
କିଏ ବିଛେଇଚି
କୋଉ ସକାଶେ ।
ଖରାରେ ଜହକେ
ବରଫ ପରି,
ତରଳି କାହିଁକି
ଯାଉନି ଝରି ॥ ୩ ॥

ବାଇଗଣୀ ମେଘ
ଅନ୍ଧାରେ ଆସେ,
ବିଜୁଳି ମାଡ଼ରେ
ଛବିଲା ଦିଶେ ।
ମେଘ ରାଉ ରାଉ
କୋହଲା ପାଗ,
ଛେଳା କରାଣ୍ଡିକି
ଧରିଲା ବଗ ॥ ୪ ॥

ବଗ ଗିଳେ ଟାକୁ ଟାକୁ,
ମେଘ ଘୁମୁରଇ
ଘଡ଼ର ଘୁମୁ
ବେଙ୍ଗ ପାଟି ପାକୁ ପାକୁ ॥ ୫ ॥

Digitized by srujanika@gmail.com

ଆସ ହେ ଶୀତ

ଗ୍ରୀଷମ ଗଲା
ବରଷା ଗଲା
ଆସିଲା ଶୀତ କାଳ,
ନାଆଁକୁ ସିନା
ଶୀତର ଋତୁ
ଦେହରୁ ବହେ ଝାଳ ॥ ୧ ॥
ଦଶରା ଯାଇ
ପୁନେଇଁ ଗଲା
କାର୍ତ୍ତିକ ଗଲା ପୂରି,
କୁଆଡ଼େ ଗଲା
ଶୀତ ବୋଲିକା
ସବୁଠି ପଡ଼େ ହୁରି ॥ ୨ ॥
ସେପ୍‌ଟେମ୍ବର
ଅକ୍‌ଟୋବର
ଗଲେଣି ସବୁ ଚାଲି,
ତଥାପି କାହିଁ
ରୁଷିଚି ଶୀତ
ଶୋଇଚି ଛଟା ଗାଳି ॥ ୩ ॥
ନଭେମ୍ବରିଆ
ସକାଳ ଆସେ
ଖରାରେ ଦେହ ମାଜି,
ଶୀତ ନା ଫିତ
ହିମ କାକର
ସପନ ଲାଗେ ଆଜି ॥ ୪ ॥

Digitized by srujanika@gmail.com

ହୋଇଛି କିସ
କୋଉଠି କିଏ
ବାନ୍ଧିଚି ଗୋଡ଼ ହାତ,
ରୋଗରେ ଅବା
ପଡ଼ିଚି ଶୀତ
ଧରିଚି ତାକୁ ବାତ ॥ ୫ ॥

କି'ଅବା ଆମେ
ପରିବେଶକୁ
ଦେଲୁଣି ବୋଲି ସାରି,
ଅଭିମାନରେ
ଆସୁନି ଶୀତ
ରହିଛି ମନ ମାରି ॥ ୬ ॥

ଆସ ହେ ଶୀତ
ନ ଧର ଦୋଷ
ଶୀତେଇ ଦିଅ ଧରା,
ପବନ ବୋହୁ
ଶିରିଶିରଆ
କଅଁଳ ଲାଗୁ ଖରା ॥ ୭ ॥

Digitized by srujanika@gmail.com

ଦେଇଥିଲେ ଟି ପାଇ

ମୁହଁରେ ଯା'ର
ହାଣୁଆ କଥା
ମନରେ ଯା'ର ରାଗ,
ପଢୁଆ ହୋଇ
କି ଲାଭ ତା'ର
ଜାଣେନା ସିଏ ବାଗ ॥ ୧ ॥

ଭଲ ମନ୍ଦରେ
ଜନ ହିତରେ
ଲାଗେନା ଯେଉଁ ଲୋକ,
ଯେତେ ପଢ଼ିଲେ
ବୋଲାଏ ଶେଷେ
ବହିଦରଣ୍ଡା ପୋକ ॥ ୨ ॥

କପଟ କରେ
ଭିତରେ ସିଏ
ବାହାରେ ମେଲି ହସ,
ଜାଣିଥା ସିଏ
ମଣିଷ ରୂପୀ
ବୋତଲ ଭରା ବିଷ ॥ ୩ ॥

Digitized by srujanika@gmail.com



ମଣିଷ ପରି
    ମଣିଷଟିଏ
ହେବାକୁ ଚାହଁ ଯେବେ,
କଥାରେ ମିଠା
    ମନରେ ଦୟା
ଭରି ରଖିବ ତେବେ ॥ ୪ ॥

ନିଜକୁ ଯିଏ
    ପଛରେ ରଖି
ମନାସେ ପର ହିତ,
ସେଇ ଯେ ଏକା
    ସାଧୁ ମଣିଷ
ସଭିଏଁ ତା'ର ମିତ ॥ ୫ ॥

ମନରେ ହେଜ ଭାଇ,
ପରୋପକାର
    ଅତି ମହତ
ଦେଇଥିଲେ ଟି ପାଇ ॥ ୬ ॥

Digitized by srujanika@gmail.com

ମାମୁଘର ଦୂରବାଟ

ଏପଟ ବାଡ଼ିରେ
କୋଇଲି ଗାଉଛି
ସେପଟେ ରାବୁଛି କାଉ,
ଉଠିଲାଣି ଆମ
ଗେଲବସରିଆ
ଦୁଧଭାତ ଦିଅ ଖାଉ ॥ ୧ ॥

ଅଗଣା ତାରରେ
ଚଟିଆ ବସିଛି
କୁକୁଡ଼ା ଖୋଳୁଛି ମାଟି,
ଧନମାଳିଆକୁ
ନିଅରେ କୋଳକୁ
ଶୁଭିଲାଣି ହେଇ ପାଟି ॥ ୨ ॥

ବାହାରେ ଭୁକୁଛି
ଭାଲୁଆ କୁକୁର
ଚାଳରେ ଚଢ଼ିଛି ଭୁଆ,
ବଜାରକୁ ଯାଇ
ସୁନାଧନ ପାଇଁ
ଆଣିଦିଅ ଜାମା ନୂଆ ॥ ୩ ॥

Digitized by srujanika@gmail.com



କିଏ ସେ କୋଉଠି
କଅଣ ପିଟୁଛି
ତାଳପଡ଼େ ଦୁମୁଦୁମୁ,
ଧାଇଁ ଆସୁଛିରେ
ରଙ୍କରତନିଆ
ଶୁଭିଯାଏ ଝୁମୁଝୁମୁ ॥ ୪ ॥

ଗାଧୁଆ ପାଧୁଆ
ବେଗେ ସାରିଦିଅ
ବେଶ ପଟା ଦିଅ କରି,
କାଲି ପରା ସିଏ
ମାମୁଘର ଯିବ
ବାପାବୋଉ ହାତ ଧରି ॥ ୫ ॥

ତାଥେଇ ତାଥେଇ
ତାଆ ଥେଇ ଥେଇ
ତାଆ ଧିନି ଧିନି ନାଚ,
ଆମ କୁନିପୁଅ
ପେଟେ ଖାଇଦବ
ମାମୁଘର ଦୂର ବାଟ ॥ ୬ ॥

Digitized by srujanika@gmail.com

ମେଘକୁ ଯାଏ ସେ ଉଡ଼ି

ସୁ ସୁ ସୁ ପବନ ବୋହୁଛି
ହଲୁଛି ନଡ଼ିଆ ଗଛ,
ନଡ଼ିଆ ଗଛରେ ବାଇଆ ବସାଟି
ଝୁଲୁଛି ଆଗକୁ ପଛ ॥ ୧ ॥

ଝୁ ଝୁ ଝୁ ବରଷା ଗାଳୁଚି
ଛିଟିକି ପଡୁଛି ପାଣି,
ନରମ ଗଦିରେ ବାଇଆ ପୁଅଟି
ଶୋଇଛି ପାରୁନି ଜାଣି ॥ ୨ ॥



Digitized by srujanika@gmail.com



ଧୁ ଧୁ ଧୁ ଆଲୁଅ ଗଲାଣି
ହେଲାଣି ଅନ୍ଧାର ରାତି,
ବଗୁଲା ବଗୁଲୀ କାହାଣୀ ଶୁଣି ସେ
ହସରେ ଉଠଇ ମାତି ॥ ୩ ॥

ରୁ ରୁ ରୁ କିଏ ସେ କୋଉଠି
ଛାଡ଼ିଛି ଶବଦ ଖିଅ,
ବାଇଆ ପୁଅର ଆଖିରେ ନିଦ ଲୋ
ଟିକିଏ ଥାପୁଡ଼ି ଦିଅ ॥ ୪ ॥

ଘୁଁ ଘୁଁ ଘୁଁ ରକେଟ୍ ଯାନରେ
ମେଘକୁ ଯାଏ ସେ ଉଡ଼ି,
ସପନ ଦେଖୁଛି ନିଦରେ ବାଇଆ
ଖାଉଚି କୁହୁକ ମୁଡ଼ି ॥ ୫ ॥

Digitized by srujanika@gmail.com

କିଏ କେଉଁଠି ?

କିଏ କେଉଁଠି
ଫିଟେଇ ଦେଉଛି
ମନ୍ତର ମୁଠି,
ଯାଉଛି ଦିନ
ଆଉଛି ରାତି,
ଶୀତ ପରେ ଖରା
ଉଠୁଛି ମାତି ॥ ୧ ॥

କିଏ କେଉଁଠି,
ତୋଳିଚି ନଅର
ଧରିଛି ଲାଠି,
ସଂସାର ଚାଲୁଛି
କଥାରେ ତା'ର,
ସପ୍ତାହ ହେଉଛି
ସାତଟା ବାର ॥ ୨ ॥

କିଏ କେଉଁଠି,
ଅତନେ ଯତନେ
ରଖିଛି ମାଟି,
ଆକାଶେ ଭରିଛି
ରୁପାର ଫୁଲ,
ମାଟିରେ ପାଣିରେ
ଅମୂଲ ମୂଲ ॥ ୩ ॥

Digitized by srujanika@gmail.com

କିଏ କେଉଁଠି,
କୁଡ଼ିଆ ବନେଇ
ଝାଟି କି ମାଟି,
ସାଇତି ରଖିଛି
ଜୀବନ ନାଡ଼ି,
ଗୋଟା ପରେ ଗୋଟା
ଦେଉଛି ଛାଡ଼ି ॥ ୪ ॥

କିଏ କେଉଁଠି,
ଅଛି କି ନ ଅଛି
ଶୁଭୁନି ପାଟି,
ଭାଙ୍ଗୁଛି ଗଢ଼ୁଛି
ନିଇତି ବସି,
ରଖୁଛି ପାଚିଲା
ଝାଡୁଛି କଷି ॥ ୫ ॥

Digitized by srujanika@gmail.com

ଜଗତ ତା'ର ଫସଲ

ବଇଁଶୀ କହେ,
ପବନ ଏକା,
ମୋ ପାଇଁ ସିନା ବହଇ;
ଭିତରେ ମୋର,
ଜୀବନ ଚାଳି,
ସୁର ସେ ଭରିଦିଅଇ ॥ ୧ ॥

ବେଲୁନ୍ କହେ,
ପବନ ମୋର,
ଆଉ ସେ ନୁହେଁ କାହାର;
ସେ ପରା ବହେ,
ମୋହରି ପାଇଁ,
ମୁହିଁ କେବଳ ତାହାର ॥ ୨ ॥

ମଟର କହେ,
ଶୁଣରେ ଶୁଣ,
ପବନ ଏକା ମୋହର;
ଚକରେ ମୋର,
ପଶି ସେ ବୁଲେ,
ଗାଆଁ ବଜାର ସହର ॥ ୩ ॥

ନଉକା କହେ,
ଧେଡ଼୍ ତେରିକା,
ପାଲ ମୁଁ ଧରି ଧାଇଁଲେ;
ପବନ ଆସେ,
ମୋ କୋଳେ ପଶେ,
ନିଇତି ରାତି ପାହିଲେ ॥ ୪ ॥

Digitized by srujanika@gmail.com



କହଇ ଗୁଡ଼ି,
କାନିକୁ ଛାଡ଼ି,
ଜାଣ କି ନାହିଁ ସରବେ;
ପବନ ମୋର,
ତା' ପାଇଁ ମୁହିଁ,
ଆକାଶେ ଉଡ଼େ ଗରବେ ॥ ୫ ॥

ଟୁକୁନି କହେ
ସଭିଏଁ ଶୁଣ,
ଗୋଟିଏ କଥା ଅସଲ;
ପବନ ବହେ,
ଜଗତ ପାଇଁ,
ଜଗତ ତା'ର ଫସଲ ॥ ୬ ॥

ପବନ ବହେ ଶିରି ଶିରି,
ହସିଲେ ପିଲେ କିରିକିରି ॥ ୭ ॥

Digitized by srujanika@gmail.com

ଖେଳଣାପେଟିକୁ ଖବରଦାର

ମାମୁନି କରିଛି
ଖେଳଣା ପେଟି
ଆଳି ମାଳି କେତେ
ଭରିଛି ସେଠି ॥ ୧ ॥

ଛିଣ୍ଡା କାଗଜରୁ
ଭଙ୍ଗା କଣ୍ଢେଇ,
ସାଇତି ରଖିଛି
ସବୁ ରୁଣ୍ଡେଇ ॥ ୨ ॥

ଫୋପଡ଼ା ଜିନିଷ
ଯେଉଁଠୁ ଯେତେ,
ପାଇଲେ ଭରିଛି
ପେଟିରେ ସେତେ ॥ ୩ ॥

ଦୁଆତ ଠିପି କି
କଲମ ଖୋଳ,
ପାଇଗଲେ ସିଏ
ଖୁସିରେ ଭୋଳ ॥ ୪ ॥

Digitized by srujanika@gmail.com

ଏମିତି ଜିନିଷ
ସଂସାରେ ନାହିଁ,
ଅଲୋଡ଼ା ହୋଇବ
ମାମୁନି ପାଇଁ ॥ ୫ ॥

ଅଚଳ ଅକାମୀ
ଯେତେ ଦରବ,
ମାମୁନି ପାଇଁକି
ଲୋଡ଼ା ସରବ ॥ ୬ ॥

ଖବରଦାର ...
ଖେଳଣା ପେଟିକୁ
ଖବରଦାର
ଖେଳଣା ପେଟିରେ
ଲାଗିବ ନାଇଁ,
ଲାଗିଲେ ମାମୁନି
ରଖିବ ନାହିଁ ॥ ୭ ॥

Digitized by srujanika@gmail.com

ଧାନ ଅଟେ ବଡ଼ ଧନ

ଧାନ କୁଟା ହୋଇ
ଚାଉଳ ହେଲେ
ହାଣ୍ଡିରେ ପଡ଼ଇ ଯାଇ,
ତବତ ପଖାଳ
ଚାଲଇ ନିତି
ସଭିଏଁ ଦିଅନ୍ତି ଖାଇ ॥ ୧ ॥

ଖରଡ଼ା ଧାନରେ
ଢିଙ୍କି ପାହାର
ଧାନ ହୋଇଯାଏ ଚୁଡ଼ା,
କିଏ ସେ ଖାଇବ
ଚୁଡ଼ା ଚକଟା
ବଡ଼ ସାନ ବୁଢ଼ୀ ବୁଢ଼ା ॥ ୨ ॥

ବତର ଧାନରୁ
ଚାଉଳ ପାଗ
ଚାଉଳ ଫୁଟଇ ମୁଢ଼ି,
ଆସ କେ ଖାଇବ
ମୁଢ଼ି ନଡ଼ିଆ
ପିଲା ଛୁଆ ବୁଢ଼ା ବୁଢ଼ୀ ॥ ୩ ॥

ଧାନ ପୋଷପୋଷ
ଭାଜଣା ହାଣ୍ଡି
ହାଣ୍ଡିରେ ତତଲା ବାଲି,
ଚଡ଼ଭଡ଼ ହୋଇ
ଫୁଟଇ ଖଇ
ଧନୁମୂଆଁ ହେବ କାଲି ॥ ୪ ॥

Digitized by srujanika@gmail.com

ଧାନପରା ଆମ
ମାନ ମହତ
ଜିଣେ ସେ ସବୁରି ମନ,
ଅମାର ଖମାର,
ତା' ପାଇଁ ସବୁ
ଧାନ ଅଟେ ବଡ଼ ଧନ ॥ ୫ ॥

ଧାନ ବୋଲ ଭାଇ
ଧନ ବୋଲ,
ଖାଇ ଲୋଡୁଥାଇ
ସବୁ ଢୋଲ ॥ ୬ ॥

Digitized by srujanika@gmail.com

ସବୁଠି କୁତୁକୁତୁ

ଆସିଲା ଏବେ ବରଷାକାଳ
ଛାଇଲା ଛତୁରତୁ,
ମାଟିକୁ ଚାହାଁ କାଠକୁ ଚାହାଁ
ସବୁଠି କୁତୁକୁତୁ ॥ ୧ ॥

ହୁଙ୍କା ଛତୁକୁ ହେଇଟି ଦେଖ
ଫୁଟେଇ କେତେ ତରା,
ହୁଙ୍କା ଆବୋରି ଫୁଟିଚି ସିଏ
ହସି ଉଠୁଚି ଧରା ॥ ୨ ॥

ପଡ଼ିଆ ସାରା ସାଇ ପଡ଼ିଶା
ମେଲେଇ ବସି ଯିଏ,
ପାରି ଦେଇଛି ଧଳା ଚଦର
ବାଲିଛତୁ ଯେ ସିଏ ॥ ୩ ॥

ପାଳଗଦାରେ ଚାଳ ଉପରେ
ପାଳଛତୁର ଘର,
ଛତୁରାଇଜ ପଧାନ ସିଏ
ସଲାମ୍ ତାକୁ କର ॥ ୪ ॥

ବାଉଁଶ ଛତୁ ମଉଳା ଛତୁ
ଆହୁରି କେତେ ଜାତି,
ଘୋଟି ଆସିଲେ ବରଷାକାଳ
ହସି ଉଠନ୍ତି ମାଟି ॥ ୫ ॥



Digitized by srujanika@gmail.com

ଛତୁ ବେସର   ଛତୁ ଆମ୍ବିଳ
ଛତୁ ପିଠୋଉ ଭଜା,
ଖାଇଛି ଯିଏ   ଜାଣିଛି ସିଏ
ଛତୁଖିଆର ମଜା ।। ୬ ।।

ଛତୁ ଠୁକୁଠୁକା
ପତର ପୋଡ଼ା,
ତବତ ପଖାଳ
ଓ...ଡ଼ା ଦୋଡ଼ା,
ନିଇତି ଖାଆ;
ଟାକରା ଫୁଟେଇ
ଠୋଓ ଠା... ଆ ।। ୭ ।।



Digitized by srujanika@gmail.com

ପତର ମାରେ ହାଇ

ଫୁକିଆ ତାରା
ଉଇଁଲେ ଧରା
ଆଲୁଅ ମୁହାଁ ହୁଏ,
ସକାଳ ଆସି
ଥିରି ପାଦରେ
ଘର ମଥାନ ଛୁଏଁ ॥ ୧ ॥

ପବନ ଛଣା
ଆଲୁଅ ଆସି
ଡାକଇ ଖୁଡୁ କରି,
ଉଠରେ ଉଠ
ସଭିଏଁ ଉଠ
ଗଲାଣି ରାତି ସରି ॥ ୨ ॥

ଆଲୁଅ ଘୋଡ଼ା
ହେଇ ସେପଟୁ
କେମିତି ଦେଖ ଛୁଟେ,
ଧରରେ ଧର
ଲଗାମ୍ ତା'ର
ଆଲୁଅ ଦେଖ ଫୁଟେ ॥ ୩ ॥

Digitized by srujanika@gmail.com

କେହି ତ କାହିଁ
ଜଣାପଡୁନି,
କିଏ ସେ କହେ ଉଠ ?
ଯେତେକ ଫୁଲ
ଯେତେ ପତର
ଯେତେ ଗାଧୁଆ ତୁଠ ॥ ୪ ॥

ଫୁଲେଇ ଫୁଲ
ବ୍ୟାୟାମ କରେ
ପତର ମାରେ ହାଇ,
ଗାଧୁଆ ତୁଠେ
ଚହଲେ ପାଣି
କାହା ପରଶ ପାଇ ॥ ୫ ॥

ଟାକ୍ ଡୁମା ଡୁମ୍,
ସୋରି ସୋରିକା
ପବନ ବହେ
ବଗିଚା ଝୁମେ ଝୁମ୍ ॥ ୬ ॥

Digitized by srujanika@gmail.com

ଜୀବନ ଏକ ଚକ

ପବନ ଯେବେ
　　ଶିରିଶିରାଏ
ଗଛ ବୁରୁଛ ଦେହେ,
ବୁଢ଼ାପତର
　　ଖୁଉଡ୍ଡୁ ଖସେ
ଚମକେ ଡାଳ ଏହେ ।। ୧ ।।

ପତର ଖସେ
　　ହଲିହଲିକା
ଖେଳୁଛି ସତେ ଦୋଳି,
ହେଇଲୁ ଆସି
　　ମାଟିରେ ପଡ଼େ
ନ ନିଏ କେହି ଟୋଳି ।। ୨ ।।

ଦିନ ବି ଥିଲା
　　ଝୁଲୁଥିଲା ସେ
ଗଛ ଡାଳରେ ବସି,
ଦେହରୁ ତା'ର
　　ତେଲ ଚିକ୍କଣ
ପଡୁଥିଲାଟି ଖସି ।। ୩ ।।

Digitized by srujanika@gmail.com

ପତର ପଡ଼େ
　　ମାଟିରେ ସଢ଼େ
ଜୀବନ ତା'ର ଯାଏ,
ଯେଉଁ ମାଟିରୁ
　　ଉଠିଥିଲା ସେ
ସେଇ ମାଟିକୁ ପାଏ ॥ ୪ ॥



ଜୀବନ ଏକ
　　ଚକରେ ଭାଇ
ଜୀବନ ଏକ ଚକ,
ଘୂରୁଛି ସିଏ
　　ଉପରୁ ତଳ
ଖେଳ ନ କରି ଦକ ॥ ୫ ॥

ଖେଳିବ ନାଇଁ ଯିଏ...
ମୋଡ଼ା ପତର
　　ପରିକା ଭାଇ
ଥାଇ ମରିବ ସିଏ ॥ ୬॥

Digitized by srujanika@gmail.com

କାଗଜ କିଏ ଗଢ଼େ ?

କାଗଜ ହୁଏ
    ଟଙ୍କାଟୋକର
କାଗଜ ବନେ ବହି,
କାଗଜ ପୁଣି
    ବାରତା ଆଣେ
ଖବର ଦିଏ କହି ॥ ୧ ॥

କାଗଜ ହୁଏ
    ଫୁଲ ଝାଲର
କାଗଜ ବନେ ଖାତା,
ଗପ କବିତା
    ବିତିରିବାରେ
ସାଜଇ ସିଏ ଦାତା ॥ ୨ ॥

କାଗଜ ହୁଏ
    କାଗଜ ଡଙ୍ଗା
କୋଉଠି ଗଢ଼େ ଘର,
ପାଲଟେ ଯେବେ
    ପରୀକ୍ଷା ଖାତା
ସତେ ମ ଲାଗେ ଡର ॥ ୩ ॥

କାଗଜ କେବେ
    ଭୋଓଟ୍ ହୋଇ
କାହାକୁ କରେ ନେତା,
ହୁକୁମ୍‌ନାମା
    ସାଜିଲେ ସିଏ
ବୁଡ଼େଇପାରେ ଚେତା ॥ ୪ ॥

Digitized by srujanika@gmail.com

କାଗଜ ହୁଏ
ଦଲିଲ ଚିଠା
କାଗଜ ବନେ ଛବି,
କାହାକୁ ପୁଣି
ଲେଖକ କରେ
କାହାକୁ କରେ କବି ॥ ୫ ॥

କାଗଜ ସିନା
ଗଢୁଛି ଏତେ
କାଗଜ କିଏ ଗଢ଼େ ?
ତାହାରି ଲାଗି
ବଣ ଜଙ୍ଗଲ
ହାଣ ମୁହଁରେ ପଡ଼େ ॥ ୬ ॥



Digitized by srujanika@gmail.com

କାଉ କଲା କାଆ କାଆ

ଦେ... ଘୂରେଇ,
ପାଲରେ ପବନ
ଦେ... ପୂରେଇ
ଏଇଲେ ଛୁଟିବ ନାଆ;
ଘାଟ ଛାଡ଼ିଲାଣି
ଘାଟିଆ ଭାଇ
କାଉ କଲା କାଆ କାଆ ॥ ୧ ॥

ଯା... ବାହାରି,
ଖରା କି ବରଷା
କିଏ କାହାରି
କେ' ଜାଣେ କଅଣ ହବ;
ମେଘ ଗୁରୁଗୁରୁ
ଡାଆଣୀ ଖରା
ହେଇଲେ ଅଜାଡ଼ି ଦବ ॥ ୨ ॥

ନେ... ଏଇଟା,
ଏଇଟା ନ ନେଲେ
ନିଏ ସେଇଟା
ନେବା କଥା ଯଦି ନିଏ;
ନାଇଁ ଦରକାର
ଯୋଉ ଚିଜଟା
ପର ପାଇଁ ଛାଡ଼ିଦିଏ ॥ ୩ ॥

Digitized by srujanika@gmail.com

ଆ... ସଅଳ,
ସଅଳ ଆସିଲେ
ନାଇଁ ଗହଳ
ଝଅଟ ସରଇ କାମ;
ଠାପୁଆ ପରିକା
ଠକିବୁ ଯଦି
ଶେଷରେ ପାଇବୁ ନାମ ॥ ୪ ॥



ଖା... ପେଟକୁ,
ଯାହା ଦେଇଥିବୁ
ଥିବ ବାଟକୁ
ବାଟରେ ବହୁତ ଖାଲ;
ଯେତିକି ପାରିବୁ
ସେତିକି ପୂରା
ଆପଣା ବୋଝରେ ମାଲ ॥ ୫॥

ଭୁଟୁରୁ ଭାଟୁ;
ଚିପା ମୁହାଁଙ୍କର
ପାଟିରେ ତାଲା
ପେଟଟା ଆଉଟୁ ପାଟୁ ॥ ୬ ॥

Digitized by srujanika@gmail.com

ଆସରେ ଭାଇ ଆସ

ଅରଟ ଥିଲା ଆୟୁଧ ତାଙ୍କ
ଅହିଂସା ସିଲା ବାଣୀ,
ଅନ୍ୟାୟ ସାଥେ ଲଢ଼ିବା ବାଗ
ଥିଲେ ସେ ଏକା ଜାଣି ॥ ୧ ॥

ଆଣ୍ଠୁ ନ ଲୁଚା ଖଦଡ଼ ଲୁଗା
ଦେହରେ ଥିଲା ଜଡ଼ି,
ଖଣ୍ଡେ ସୂତାରେ ଅଣ୍ଟା ପାଖରୁ
ଓହଳିଥିଲା ଘଡ଼ି ॥ ୨ ॥

ସାଦା ଚପଲ ବାଉଁଶ ବାଡ଼ି
ଚଷମା ସାଦାସିଧା,
ରାଜା ଆଗରେ ଠିଆ ହେବାକୁ
ନଥିଲା ଟିକେ ଦ୍ୱିଧା ॥ ୩ ॥

ଫରଚା କାନ ଗୋଟାଳ ମୁହଁ
ପାକୁଆ ପାଟି ହସ,
କଥାରେ କିନ୍ତୁ ସତର ଶାଣ
ନଥିଲା ରାଗରୋଷ ॥ ୪ ॥



Digitized by srujanika@gmail.com

କୁଟି ଖାଇବା   କାଟି ପିନ୍ଧିବା
    ବୋଲିକା ଦେଇ ଡାକ,
ବେପାରୀ ବୁଦ୍ଧି   ବିଲାତିଙ୍କର
  କାଟି ସେ ଥିଲେ ନାକ ॥ ୫ ॥

ମଣିଷ ପାଇଁ   ଲଢ଼ିଲେ ସିଏ
    ମଣିଷ ପାଇଁ ମଲେ,
ଜୀବନ ସାରା   ସତକୁ ଖୋଜି
  ସତ ପଥରେ ଗଲେ ॥-୬ ॥

ଆସରେ ଭାଇ ଆସ;
ତାଙ୍କରି କଥା
    ପକାଇ ମନେ,
ଅନ୍ୟାୟ ସାଥେ
    ଲଢ଼ିବା ଆମେ,
ଫୁଟାଇ ମୁହେଁ ହସ ॥ ୭ ॥



Digitized by srujanika@gmail.com

ବ୍ରଜନାଥ ନାଆଁ ବରଜ

ପ୍ରାଣକୃଷ୍ଣ ଯିଏ
ପାଣୁଆ ସିଏ
ଦୀନକୃଷ୍ଣ ଯିଏ
ଦନେଇ ସିଏ
ଡାକରା ଚାଲଇ ନିତି;
ନାଆଁଟା ଜାତିଏ
ଡାକରା ଭିନେ
ଅଜବ ଡାକିବା ରୀତି ।। ୧ ।।

ପଦ୍ମନାଭ ଯିଏ
ପଦିଆ ସିଏ,
ରତ୍ନାକର ଯିଏ
ରତନା ସିଏ,
ଯେମିତି ଡାକିଲେ ଚଳେ;
କଷ୍ଟିଆ ନାଆଁଟା
ସହଜ ହୁଏ,
ଗେଲେଇ ଡାକିଲେ ବଳେ ।। ୨ ।।

Digitized by srujanika@gmail.com

ନାଆଁ ପାଇଁ ଭାଇ
ନ କର କଳି,
ଅଜାଣତେ ସିଏ
ଯାଏ ବଦଳି,
ସହଜେ ନରମି ଯାଏ;
ଯାହା ଡାକ ପଛେ
ଆଦର ଥିଲେ
ସବୁରି ମନକୁ ପାଏ ॥ ୩ ॥

ନାଆଁ କରେ ନାହିଁ
ବଡ଼ କି ସାନ,
ଭଲ କାମ କଲେ
ବଢ଼ଇ ମାନ,
ଆପେ ଗଢ଼ିହୁଏ ନାଆଁ;
ମୁହଁରୁ ମୁହଁକୁ
ଯାଏ ସେ ଉଡ଼ି
ସହର ବଜାର ଗାଆଁ ॥ ୪ ॥

ଦୁର୍ଯ୍ୟୋଧନ ନାଆଁ ଦୁରୁଜ
ବ୍ରଜନାଥ ନାଆଁ ବରଜ
ଝାଇଁ ଝୁମୁକୁ;
ଯେଡ଼େ ଲମ୍ବା ନାଆଁ
ସେଡ଼େ ଅଡୁଆ
ଛୋଟ ହୋଇଯିବ ମନକୁ ॥ ୫ ॥

Digitized by srujanika@gmail.com

ଦିଅ ପିଲାମାନେ ବଜାଇ ତୁରୀ

ପଡ଼ିଆ ପଛରେ
କୁଡ଼ିଆ ଘର,
ନହକା ବହକା
ନଡ଼ା ଛପର ॥ ୧ ॥

ଘର ମାଲିକାଣୀ
ସୁଲେଇ ବୁଢ଼ୀ,
କିଏ ଡାକେ ଆଈ
କିଏ ସେ ଖୁଡ଼ୀ ॥ ୨ ॥

ସୁଲେଇ ବୁଢ଼ୀର
ଟକଲା ମନ,
ପାଟି ସୁଆଦକୁ
କଅନକନ ॥ ୩ ॥

ଲାଗିଥିଲା ଦିନେ
ବରଷା ଝଡ଼ି,
ବୁଢ଼ୀ ମନକଲା
ଖାଇବ ବଡ଼ି ॥ ୪ ॥

ବଡ଼ିଚୁରା କଥା
ଭାବଇ ବସି,
ନାଳ ପଡୁଥାଏ
ପାଟିରୁ ଖସି ॥ ୫ ॥

ଚଡ଼ବଡ଼ ହୋଇ
ସୁଲେଇ ବୁଢ଼ୀ
ଅଣ୍ଡାଳି ଖୋଜିଲା
ମାଠିଆ ଘଡ଼ି ॥ ୬ ॥

Digitized by srujanika@gmail.com

ବଡ଼ି ଫଡ଼ି ନାଇଁ
ମାଠିଆ କଣା
ବୁଢ଼ୀର ମନଟା
ହୋଇଲା ବଣା ॥ ୭ ॥

ମନକଥା ତା'ର
କହିବା କିସ,
ସଂସାର ଲାଗିଲା
ବୁଢ଼ୀକି ବିଷ ॥ ୮ ॥

ଦିଅ ପିଲାମାନେ
ବଜାଇ ତୂରୀ,
ବୁଢ଼ୀମନ ଯାଉ
ଖୁସୀରେ ପୂରି ॥ ୯ ॥

ଯାହା ମନକରୁ
ସୁଲେଇ ବୁଢ଼ୀ
ସବୁ ତା'ହାତରେ
ଖସୁରେ ପଡ଼ି ॥ ୧୦ ॥

Digitized by srujanika@gmail.com

କଥା ପଦେ –

ଗୀତ ଓ ଗପ ଉଭୟ ପିଲାମାନଙ୍କର ପ୍ରିୟ । ଅତି ଛୋଟ ବେଳୁ ସେମାନଙ୍କୁ ଗପ ଶୁଣିବାକୁ ଯେମିତି ଭଲ ଲାଗେ, ସେମିତି ବି ଖୁସୀ ଲାଗେ ଗୀତ ଶୁଣିବା ପାଇଁ । ଗୀତ ଯଦି ମଜାଳିଆ ଓ ଗାଇବା ପାଇଁ ସହଜ ସରଳ, ତେବେ ତାହା ପିଲାମନକୁ ଆହୁରି ଟାଣେ । ଗୀତ ହେଉ କି ଗପ ହେଉ ଯାହା ମନରେ ଆନନ୍ଦ ଆଣେ ନାହିଁ, ମନକୁ ଆଲୋକିତ କରେ ନାହିଁ ତାହା ନିରର୍ଥକ । ସାହିତ୍ୟର ମୂଳ ଲକ୍ଷ୍ୟ ହେଲା ପାଠକର ହିତ ସାଧନ କରିବା । ଏଇ ଆନନ୍ଦ ଓ ଆଲୋକ ପ୍ରଦାନ କରିବା ହିଁ ହିତ ସାଧନ ।

"ମେଘ ଘୁମୁରଇ ଘଡ଼ର ଘୁମୁ" ଗୀତ ସଂକଳନରେ ଉଭୟ ଆନନ୍ଦ ଓ ଆଲୋକ ବାଣ୍ଟିବାର ପ୍ରୟାସ କରାଯାଇଛି । ଗୀତ ଗୁଡିକରେ କେତେ ଆନନ୍ଦ ଅଛି ତାହା ପାଠକମାନେ ବିଚାର କରିବେ ।

ଆମ ମତରେ· ଯେଉଁ ଗୀତକୁ ବାରମ୍ବାର ପଢ଼ିବାକୁ ଇଚ୍ଛାହୁଏ ଓ ମନେରଖିବାକୁ ମନ ଡାକେ ତାହାହିଁ ଭଲ ଗୀତ । ଏ ସଂକଳନର କେଉଁ ଗୀତ ଗୁଡ଼ିକ ଭଲ ତାହା ପ୍ରତି ପାଠକ ବିବେଚନା କରିବା ଉଚିତ, କାରଣ ବହିର ପ୍ରକୃତ ବିଚାରକ ପାଠକ ନିଜେ ।

ଶୁଭେଚ୍ଛା ସହ ।

– ଦାଶ ବେନ୍‌ହୁର

Digitized by srujanika@gmail.com